ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1324/20-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୦ ଫେବୃଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଏକ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ନିତି ଆୟୋଗର ବୈଠକରେ ଯୋଗଦେଇ ରେଳବାଇ, ବ୍ୟାଙ୍କିଂ, ଟେଲିକମ୍, କେନ୍ଦ୍ରୀୟ ପାଣ୍ଠି, ଅଷ୍ଟମ ଅନୁଚ୍ଛେଦରେ ପ୍ରମୁଖ ଭାଷାଗୁଡ଼ିକ ଅନ୍ତର୍ଭୁକ୍ତି ବାବଦରେ ରାଜ୍ୟର ଦାବି ବିଷୟ ଉପସ୍ଥାପନ କରିଛନ୍ତି । ସେ ମଧ୍ୟ ଦେଶକୁ ପ୍ରଭାବିତ କରୁଥିବା କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ସେଗୁଡ଼ିକୁ ପ୍ରତିହତ କରିବାରେ ନିତି ଆୟୋଗର ଭୂମିକା ବିଷୟରେ ଉଲ୍ଲେଖ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶକୁ ଆଗକୁ ନେବାକୁ ହେଲେ ଆମକୁ ଅବହେଳିତ ଅଞ୍ଚଳ ଏବଂ ସମ୍ବେଦନଶୀଳ ଜନତାଙ୍କୁ ସାଙ୍ଗରେ ନେବାକୁ ହେବ ଯେଉଁଥି ପାଇଁ ପ୍ରତିବଦ୍ଧତା ଏବଂ ଲକ୍ଷ୍ୟଭିତ୍ତିକ ଯୋଜନା ଆବଶ୍ୟକ । ଥରେ ନିର୍ବାଚିତ ହେଲେ ସରକାର ଦଳମତ ନିର୍ବିଶେଷରେ ଲୋକଙ୍କ ପାଇଁ କାର୍ଯ୍ୟ କରିବା ହିଁ ଗଣତନ୍ତ୍ରର ପ୍ରକୃତ ପରିଚୟ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୟୁପିଏସ୍‌ସି, ନିଟ୍, ଜେଇଇ ପରି ସମ୍ମାନଜନକ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ପାଇଁ ପରୀକ୍ଷା ପଦ୍ଧତିର ପୁନଃମୂଲ୍ୟାୟନ ସକାଶେ ଏକ ସମୀକ୍ଷାତ୍ମକ ଦୃଷ୍ଟି ଆବଶ୍ୟକ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଏପରି ପରୀକ୍ଷା କରିବା ଉଚିତ ଯାହା ଉଚ୍ଚମୂଲ୍ୟଯୁକ୍ତ କୋଚିଂ କ୍ଲାସ୍ ଉପରେ ନିର୍ଭରଶୀଳ ପରୀକ୍ଷା ପଦ୍ଧତି ନହୋଇ ସମାନତା ଓ ଯୋଗ୍ୟତା ଉପରେ ଆଧାରିତ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ ସାରା ବିଶ୍ୱ ପାଇଁ ଆହ୍ୱାନ ହୋଇଥିଲା ଏବଂ ଭାରତ ତାହାର ଏକୀକୃତ ପ୍ରୟାସ ଦ୍ୱାରା ଯାହା ସମ୍ଭବ ତାହା ଉପସ୍ଥାପନ କରିପାରିଛି । ସଂଘୀୟ ବ୍ୟବସ୍ଥାର ପ୍ରକୃତ ଆଦର୍ଶ ନେଇ ଦେଶର ଅନ୍ୟ ବୃହତ ଆହ୍ୱାନଗୁଡ଼ିକୁ ମଧ୍ୟ ଏପରି ଏକୀକୃତ ପ୍ରୟାସ ଏବଂ ସମ୍ମିଳିତ ଉଦ୍ୟମ ମାଧ୍ୟମରେ ସମ୍ମୁଖୀନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ସାମାଜିକ ନ୍ୟାୟ ଦିବସ ଅବସରରେ ପ୍ରତ୍ୟେକଙ୍କର ଅଧିକାର, ନିରପେକ୍ଷତା ଓ ସମାନତାକୁ ସୁନିଶ୍ଚିତ କରିବା ସହ ଯଥାର୍ଥ ଓ ସମ୍ମିଳିତ ସମାଜ ଗଠନ ପାଇଁ ଜନସାଧାରଣ ସମ୍ମୁଖୀନ ହେଉଥିବା ଲିଙ୍ଗ, ବୟସ, ଜାତି, ଜାତୀୟତା, ଧର୍ମ, ସଂସ୍କୃତି କିମ୍ବା ଭିନ୍ନକ୍ଷମତାଜନିତ ପ୍ରତିବନ୍ଧଗୁଡ଼ିକୁ ଦୂର କରିବା ନିମନ୍ତେ ଆମେ ସବୁ ପୁନଃପ୍ରତିବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ କେଦାରନାଥ ଜେନାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଫଳତାର ସହିତ ୫ ଲକ୍ଷ କୋଭିଡ୍‌-୧୯ର ଟୀକାକରଣ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଟୀକାକରଣ ପ୍ରକ୍ରିୟାରେ ସାମିଲ ସମସ୍ତଙ୍କୁ ପ୍ରଶଂସା କରିବା ସହ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମୀମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍‌ ଅଞ୍ଚଳର ସଂଖ୍ୟାଲଘୁ ମହିଳାମାନେ ମିଶନ ଶକ୍ତି ଜରିଆରେ ସ୍ୱାବଲମ୍ବୀ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିଭିନ୍ନ ରାଜ୍ୟ ସମେତ ବିଦେଶରେ ମଧ୍ୟ ଆଦୃତି ଲାଭ କରୁଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନୁଗୋଳରେ ସହରାଞ୍ଚଳ ପରିମଳ ଓ ଜୀବନଜୀବିକା ସ୍ଥିତିରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଅନୁଗୋଳ ପୌରପରିଷଦ ପରିମଳ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଣୁ ଉଦ୍ୟୋଗ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହି ଅଭିଯାନ ମଧ୍ୟ ଅବହେଳିତ ବର୍ଗର ଲୋକମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ସଶକ୍ତ କରିବ ବୋଲି ସେ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୧,୪୭,୦୫୮ ଟି ନମୁନା କୋଭିଡ୍‌-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୬,୫୬୮ ଜଣ ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି ।
- ୩,୩୩, ୮୮୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୪ ଜଣ କୋଭିଡ୍‌-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୩୧ ରହିଛି ।
- ୬୩୧ ଜଣ ହସ୍‌ପିଟାଲ୍‌ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**